## କୁଡୁମୀ ସମ୍ପ୍ରଦାୟର କରମ ପରବ ପାଳିତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜିରାପାଟ ପଞ୍ଚାୟତରେ ଶହୀଦ ରଘୁନାଥ ମହତୋ ଯୁବ ସଂଗଠନ ତରଫରୁ କୁଡୁମୀ ସମ୍ପ୍ରଦାୟର ଦେଶ କରମ ପରବ-୨୦୨୩ ପାଳିତ ହୋଇଯାଇଛି। କୁଆଁରୀମାନେ ଦେହୁରୀ ଉମାକାନ୍ତ ମହାନ୍ତଙ୍କ ସହ ଶୋଭାଯାତ୍ରାରେ କରମ ବୃକ୍ଷର ଡାଳ ଆଣି କରମ ଆଖଡ଼ାରେ ସ୍ଥାପନା କରିଥିଲେ। ମୁଖ୍ୟ ଅତିଥିଭାବେ କଂଗ୍ରେସର ବରିଷ୍ଠ ନେତା ଇଂ. ବିନୋଦ ବିହାରୀ ନାଏକ, କଳାକାର ମହାନ୍ତ, ସଞ୍ଜୟ ମହାନ୍ତ, ଦୂର୍ଯ୍ୟୋଧନ ମହାନ୍ତ, ତେଜସ୍ୱନୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ସୁରଟରୁ ମୂର୍ତ୍ତି ଚୋରି: ଉଦଳାରୁ ୨ଜଣଙ୍କୁ ଉଠାଇନେଲା ପୋଲିସ

ଉଦଳା, ୩।୯ (ସନ୍ତୋଷ କୁମାର ବାଛିନୀ)-ସୁରଟରେ ଏକ ଜୈନ ମନ୍ଦିରରୁ ମୂର୍ତ୍ତି ଚୋରି ଅଭିଯୋଗରେ ମୟୂରଭଞ୍ଜ ଜିଲା ଉଦଳାରୁ ୨ଜଣଙ୍କୁ ପୋଲିସ ଉଠାଇ ନେଇଛି। ସୁରଟର ଉମରା ଥାନା ଅଧୀନରେ ଏକ ଜୈନ ମନ୍ଦିରରେ କାମ ଚାଲିଥିଲା। ଏମାନେ ସେଠାରେ କାମ କରୁଥିବା ବେଳେ ଅଗଷ୍ଟରେ ମୂର୍ତ୍ତି ଚୋରି କରି ଘରକୁ ପଳାଇ ଆସିଥିଲେ। ସେଠାରୁ ଏକ ମୂର୍ତ୍ତି ଚୋରି ହୋଇଥିବା ଜଣାପଡ଼ିବା ପରେ ମନ୍ଦିର ପକ୍ଷରୁ ଉମରା ଥାନାରେ ଅଭିଯୋଗ ପରେ ଗତ ୨୯ ତାରିଖରେ ମାମଲା ରୁଜୁ ହୋଇଥିଲା। ମନ୍ଦିରରେ ଲାଗିଥିବା ସିସିଟିଭିରୁ ଚୋରଙ୍କ ଗୁମର ଖୋଲିଥିଲା। ଉଦଳା ଥାନା ଅଧୀନ ଶିରିପୁର ଅଞ୍ଚଳରୁ ଯାଇ ମନ୍ଦିରରେ କାମ କରୁଥିବା ଦୁଇଜଣ ଉକ୍ତ ମୂର୍ତ୍ତି ଚୋରି କରିଥିବା ପୋଲିସ ଜାଣିବାକୁ ପାଇଥିଲା। ମୂର୍ତ୍ତିରେ ମୋତି ଲାଗିଥିବା ବେଳେ ତାହାର ମୂଲ୍ୟ ୭ ଲକ୍ଷରୁ ଅଧିକ ହେବ ବୋଲି ଜଣାଯାଇଛି। ସୁରଟ ପୋଲିସ ୩୧ ତାରିଖରେ ଶିରିପୁର ଗ୍ରାମରେ ପହଞ୍ଚି ସେମାନଙ୍କୁ ଉଠାଇ ନେଇଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନ ମଲ୍ଲିକ(୨୪)। ଅନ୍ୟ ଜଣେ ନାବାଳକ ଅଛନ୍ତି। ସୁରଟ ପୋଲିସ ଦୁଇଜଣଙ୍କୁ ନେବାକୁ ଆସିଥିବା ବେଳେ ଗ୍ରାମରେ ବିରୋଧର ଶିକାର ହୋଇଥିଲା। ସ୍ଥାନୀୟ ପୋଲିସ ସହାୟତାରେ ଦୁଇଜଣଙ୍କୁ ନେଇ ନାବାଳକଙ୍କୁ ସୁଧାରଗୃହକୁ ପଠାଇବା ସହ ଗିରଫ ଅଭିଯୁକ୍ତଙ୍କୁ ସୁରଟ ନେଇଥିଲା।

### ଧରଣୀଧର ବ୍ଲକ ସାମ୍ବାଦିକ ସଂଘର ନୂତନ ସଭାପତି

ବେତନଟୀ, ୩।୯(ଧରଣୀଧର ମହାନ୍ତି)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ ଓ ପ୍ରତିଷ୍ଠା ଦିବସ ପାଳନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଜୟ କରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ଚୟନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ନୂତନ ସଭାପତି ଭାବେ ଧରଣୀଧର ମହାନ୍ତି ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାବେ ସର୍ବେଶ୍ୱର ମହାନ୍ତ, ଉପସଭାପତି ଗତିକୃଷ୍ଣ ମହାନ୍ତ, ଆଶିଷ ଦାସ, ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ସମ୍ପାଦକ ଚିନ୍ମୟ ମିଶ୍ର, ସହସମ୍ପାଦକ ଉଦିତ ପରିଡ଼ା, ମନୋରଞ୍ଜନ ବେହେରା, କୋଷାଧକ୍ଷ ହରିଶ ଚନ୍ଦ୍ର ସାମଲ, ନିତ୍ୟାନନ୍ଦ ପାତ୍ର ଏବଂ ଉପଦେଷ୍ଟା ଭାବେ ରବିନାରାୟଣ ପଣ୍ଡା, ଅଜୟ କର, ପ୍ରକାଶ ବେହେରା, ରାଜେଶ ଖଣ୍ଡେଲଓ୍ୱାଲ, ସଦାଶିବ ଲେଙ୍କା, ପ୍ରଦୀପ କୁମାର ମହାପାତ୍ର, କାର୍ତ୍ତିକ ବିଶ୍ୱାଳ ପ୍ରମୁଖଙ୍କୁ ଚୟନ କରାଯାଇଛି। ଆସନ୍ତା ଅକ୍ଟୋବର ୧୪ରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ପ୍ରତିଷ୍ଠା ଦିବସ ପଡୁଥିବାରୁ ପାଳନ ନେଇ ବୈଠକରେ ଆଲୋଚନା ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସଂଘର ସଦସ୍ୟ କେଶବ ଥାନ, ଶାନ୍ତନୁ ପଣ୍ଡା, ସର୍ବେଶ୍ୱର ଦାସ, କୋମଳ ଲୋଚନ କର, ମନୋଜ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ମୋ ସ୍କୁଲ ଅଭିଯାନ

**ଧୂଷୁରୀ, ୩।୯ (କପିଳଦେବ ବିଶ୍ୱାଳ):** ଭଦ୍ରକ ଜିଲା ଧାମନଗର ବ୍ଲକ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବା ସହ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ଆଲୁମିନି ଗଠିତ ହୋଇଥିଲା। କମିଟି ସଭାପତି ଭାବେ ସୁଶାନ୍ତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ପତି, ଉପସଭାପତି ଅଜିତ କୁମାର ସ୍ୱାଇଁ, ସମ୍ପାଦକ ଦିଲୀପ କୁମାର ମହାନ୍ତି, ସଙ୍ଗଠନ ସମ୍ପାଦକ ମୃତ୍ୟୁଞ୍ଜୟ ସାହୁ, ସହସମ୍ପାଦକ ରତ୍ନାକର ଜେନା, ସଂଯୋଜକ ଭାବେ ଅଧ୍ୟାପକ ନିହାର ରଞ୍ଜନ କର, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଜଗତାନନ୍ଦ ସେଠୀ, ପ୍ରଶାନ୍ତ କୁମାର ଖଟୁଆ, ହୃଦାନନ୍ଦ ପତ୍ରୀ, ସ୍ମିତାରାଣୀ ଭଞ୍ଜ, ଶ୍ରଦ୍ଧାଞ୍ଜଳି ପାଢ଼ୀ ଓ ନିବେଦିତା ଖଟୁଆ ମନୋନୀତ ହୋଇଛନ୍ତି। ଏହି ଅବସରରେ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ପ୍ରାଧ୍ୟାପିକା କନକଲତା ବେହେରା, ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପତି, ପୂର୍ଣ୍ଣଚନ୍ଦ୍ର ପତି, ଲକ୍ଷ୍ମୀଧର ଦାଶ ଓ କ୍ରୀଡ଼ା ଶିକ୍ଷକ ଅନୀଲ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆ ଡାକ୍ତରଖାନାରୁ ସିଲିଂ ଖସିଲା

ଭଦ୍ରକ,୩।୯(ସନାତନ ରାଉତ)



ଝଡ଼ ବର୍ଷା ଯୋଗୁ ଶନିବାର ଭଦ୍ରକ ଗେଲପୁରସ୍ଥିତ ନବନିର୍ମିତ ଭଦ୍ରକ ଡାକ୍ତରଖାନା (ଶିଶୁ ଓ ପ୍ରସୂତି ବିଭାଗ)ର ଚତୁର୍ଥ ମହଲା ଶିଶୁ ୱାର୍ଡର ପାଟିସନ୍ ହୋଇଥିବା ସିଲିଂ ଓ ପ୍ଲାଏ ଖସି ପଡ଼ିଥିଲା। ସୌଭାଗ୍ୟବଶତଃ ତଳେ କୌଣସି ରୋଗୀ ନ ଥିବାରୁ ଏକ ବଡ଼ ଦୁର୍ଘଟଣା ଟଳିଯାଇଥିଲା। ଏହି ଘଟଣା ପରେ ମେଡିକାଲରେ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ସେହି ୱାର୍ଡର ରୋଗୀମାନେ ବାରଣ୍ଡାରେ ଚିକିତ୍ସିତ ହୋଇଥିଲେ।

ରବିବାର ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଡାକ୍ତରଖାନାକୁ ଯାଇ ଅନୁଧ୍ୟାନ କରିଛି। ମେଡିକାଲର ଦୁରାବସ୍ଥା ବୁଲି ଦେଖି ଦଳ ପକ୍ଷରୁ ନିନ୍ଦା କରାଯିବା ସହ ଉଦ୍‌ବେଗ ପ୍ରକାଶ କରାଯାଇଛି। ଉକ୍ତ ମେଡିକାଲ ଗୃହ ନିର୍ମାଣରେ ବ୍ୟାପକ ପିସି କାରବାର ହୋଇଛି। ଉକ୍ତ ଗୃହର ମାନ ପରୀକ୍ଷା କରାଯାଇ ପ୍ରକୃତ ସତ୍ୟ ଉନ୍ମୋଚନ

**ଅନୁଧ୍ୟାନ କଲା କଂଗ୍ରେସ ପ୍ରତିନିଧି ଦଳ**

କରାଯିବା ସହ କଣ୍ଟ୍ରାକ୍ଟର ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳୀୟ ନେତା ମହାନ୍ତି ଦାବି କରିଛନ୍ତି। ସତ୍ୟାସତ୍ୟ ପଦାକୁ ନ ଆସିଲେ କଂଗ୍ରେସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ଜିଲା ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ର, ବିଜୟ ବାରିକ, ସତ୍ୟ ପୁହାଣ, ରଞ୍ଜନ ଜେନା, ରାଜନ ଲାହା, ପୀତବାସ ଧଳ, ଶଶୀକାନ୍ତ ଜେନା ପ୍ରମୁଖ ସାମିଲ ଥିଲେ।

# ଦିବ୍ୟାଙ୍ଗ ପିଲାଙ୍କ ସ୍ୱପ୍ନ ପୂରଣ କଲେ ବିଧାୟକ



ନୂତନ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

ଖଇରା,୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆସ୍ଥିତ କେଶବ ପୁରସ୍ତମ ମାନସିକ ଅନଗ୍ରସର ବିଦ୍ୟାଳୟରେ ପଢୁଥିବା ଦିବ୍ୟାଙ୍ଗ ପିଲାମାନଙ୍କ ବହୁଦିନର ଆକାଂକ୍ଷା ପୂରଣ ହୋଇଛି। ରବିବାର ବିଧାୟକଙ୍କ ଗୃହ ଉଦ୍‌ଘାଟନ ପରେ ମାଟି ଘର ବଦଳରେ ପକ୍କାଘରେ ପଢିବାକୁ ଆଶା ବାନ୍ଧିଥିବା ଏହି ପିଲାମାନଙ୍କର ସ୍ୱପ୍ନ

**ପଢ଼ିବାଲାଗି ପକ୍କାଗୃହ, ପିଇବା ପାଇଁ ସୋଲାର ପ୍ରକଳ୍ପ ବ୍ୟବସ୍ଥା**

ସାକାର ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା କେଶବ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟ ଅତିଥି, ସମିତିସଭ୍ୟାଙ୍କ ପ୍ରତିନିଧି ଅନନ୍ତ ପ୍ରସାଦ ବାରିକ, ଗୋବିନ୍ଦପୁର ସମବାୟ ସମିତିର ବୋର୍ଡ ସଭାପତି ରବୀନ୍ଦ୍ର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ମମତାରାଣୀ କର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଷ୍ଠାତା ମହାପାତ୍ର ନିଜ ବକ୍ତବ୍ୟରେ ଦିବ୍ୟାଙ୍ଗ ପିଲାଙ୍କ ପ୍ରତି ବିଧାୟକଙ୍କ ଆନ୍ତରିକତା ଯୋଗୁ ପାନୀୟଜଳ, ଶ୍ରେଣୀ ଗୃହ ଆବଶ୍ୟକତା ପୂରଣ ହୋଇଛି ବୋଲି କହିଥିଲେ।

### ବାଇକ୍-ପିକ୍‌ଅପ୍ ମୁହାଁମୁହିଁ, ୧ ମୃତ

ପାଟଣା,୩।୯(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ମାଛଗଡ଼ ଚୁନୁ ସାହି ନିକଟରେ ଶନିବାର ବାଇକ-ପିକ୍‌ଅପ୍ ଭ୍ୟାନ ମୁହଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ସାହାରପଡା ବ୍ଲକ୍ ତଣ୍ଡୋ ଗ୍ରାମର ଜ୍ୟୋତି ମୋହନ ନାଏକ (୨୮)। ଗ୍ରାମର ରଞ୍ଜନ ନାଏକ ଗୁରୁତର ହୋଇ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଉଭୟ ବାଇକରେ ମାଛଗଡ଼ ପାର୍ଶ୍ୱରୁ ସାହାରପଡ଼ା ଆଡ଼କୁ ଯାଉଥିବା ବେଳେ ଅପରପାର୍ଶ୍ୱରୁ ଆସୁଥିବା ପିକ୍‌ଅପ୍‌କୁ ଧକ୍କା ଦେଇଥିଲେ। ଉଭୟଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଯାଜପୁର ନିକଟରେ ଜ୍ୟୋତିଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକ କହିଛନ୍ତି।

### ଶାଳକାଠ ବୋଝେଇ ପିକ୍‌ଅପ୍ ଜବତ

କରଞ୍ଜିଆ,୩।୯(କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ସିଙ୍ଗ ସେକ୍ସନର ସାରଙ୍ଗଗଡ଼ ନିକଟରୁ ଶାଳକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ବନ ବିଭାଗ ଜବତ କରିଛି। ପିକ୍‌ଅପ୍ ଭ୍ୟାନରେ ଶାଳକାଠ ଚାଲାଣ ହେଉଥିଲା। ଡିଏଫ୍‌ଓ ଶ୍ରୀକାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ କରଞ୍ଜିଆ ରେଞ୍ଜ ଅଧିକାରୀ ପିକେ ସ୍ୱାଇଁ, ସୁରମୋହନ ବେହେରା, ଦିପ୍ତିମୟୀ ସେଠୀ ସରାଙ୍ଗଗଡ଼ଠାରେ ଗାଡ଼ିକୁ ଜଗି ରହିଥିଲେ।

### ରୋଗ ଯନ୍ତ୍ରଣା ସହି ନ ପାରି ବୃଦ୍ଧଙ୍କ ଆତ୍ମହତ୍ୟା

ଭୋଗରାଇ, ୩।୯ (ପ୍ରଦୀପ ଦାସ )

ରୋଗ ଯନ୍ତ୍ରଣା ଉପଶମ ନ ହେବାରୁ ଜଣେ ବୃଦ୍ଧ ଗଳାରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳସୋହରିଆ ଗ୍ରାମର କାଶୀନାଥ ସାହୁ। ଦୀର୍ଘ ଦିନଧରି ସେ ଗଳାରୋଗ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା କରି ପାରୁ ନ ଥିଲେ। ତେବେ ସେ କର୍କଟ ରୋଗରେ ପୀଡ଼ିତ ଥିବା ଜଣାପଡ଼ିବା ପରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପଥ ବାଛି ନେଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଅଜୟ



@ଲିପିକା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବ



ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର।

କେନ୍ଦୁଝର,୩।୯(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆଇନ ସେବା ପ୍ରାଧିକରଣ ସୌଜନ୍ୟରୁ ଜେଲରୋଡସ୍ଥିତ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲାସ୍ତରୀୟ ଆଇନ ସାକ୍ଷରତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣର ଅଧ୍ୟକ୍ଷ ତଥା ଭାରପ୍ରାପ୍ତ ଜିଲା ଜଜ୍ ରଶ୍ମିତା ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍(ପୋକ୍ସୋ) ଶୁଭଶ୍ରୀ ତ୍ରିପାଠୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରଞ୍ଜୁଲତା ଲେଙ୍କା, ମହିଳା କୋର୍ଟ ବିଚାରପତି ପତଞ୍ଜଳୀ ସାହୁ, ରେଜିଷ୍ଟ୍ରାର ସସ୍ମିତା ମିଶ୍ର, ଉପଖଣ୍ଡୀୟ ବିଚାରପତି ସୁମିତ୍ରା ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଶିବାନୀ ମହାପାତ୍ର, ଅମ୍ବିକେଶ ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଯୋଗଦେଇଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ମାମି ବେହେରା ସଭାପତିତ୍ୱ କରିଥିଲେ। ପ୍ରାଧିକରଣ ସଦସ୍ୟ ଅକ୍ଷୟ ଚକ୍ର ସଂଯୋଜନା କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଜିଲାର ବିଭିନ୍ନ ଆଇନ ସାକ୍ଷରତା କ୍ଲବ୍‌ର ୧୭ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରବନ୍ଧ, ଚିତ୍ରାଙ୍କନ, ଡିବେଟ୍ ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ବିଭାଗର ପ୍ରଥମ ସ୍ଥାନ ହାସଲ କରିଥିବା ବିଦ୍ୟାଳୟ ଓ ଛାତ୍ରୀଛାତ୍ରମାନେ ଜୋନାଲସ୍ତରରେ ଯୋଗଦେଇ କୃତକାର୍ଯ୍ୟ ହେଲେ ରାଜ୍ୟସ୍ତରରେ ଭାଗ ନେବେ ବୋଲି ସଚିବ ବେହେରା ଜଣାଇଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକରଣ ପିଏଲ୍‌ଭି କିଶୋର ଚନ୍ଦ୍ର ଦାସ, କର୍ମୀ ସତ୍ୟରଞ୍ଜନ ଦାଶ, ଦେବବ୍ରତ ଦାସ, ଦେବାଶିଷ ବେହେରା, ବିଶ୍ୱଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

# ହିତାଧିକାରୀଙ୍କୁ ମିଳିନି ୩ ମାସର ଚାଉଳ

ଚାନ୍ଦବାଲି, ୩।୯(କିଶାନ ପାତ୍ର)

- ରାଶନ କାର୍ଡ ରିନ୍ୟୁ ପାଇଁ ୩ଶହ ଟଙ୍କା ଆଦାୟ ଅଭିଯୋଗ
- ଯାଞ୍ଚ କଲେ ଯୋଗାଣ ଅଧିକାରୀ
- ତଦନ୍ତରେ ଅନିୟମିତତା ନେଇ ବିଡିଓଙ୍କୁ ଭେଟିଲେ ହିତାଧିକାରୀ

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ କଇଥଖୋଲା ପଞ୍ଚାୟତରେ ୩ ମାସ ଧରି ହିତାଧିକାରୀମାନଙ୍କୁ ଚାଉଳ ଦିଆଯାଉ ନାହିଁ। କିଶୋରପ୍ରସାଦ ଗାଁର ଏକ ଏସ୍‌ଏଚ୍‌ଜିକୁ ପିଡିଏସ୍ ସାମଗ୍ରୀ ବଣ୍ଟନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ପ୍ରକୃତରେ ପୂର୍ଣ୍ଣପ୍ରସାଦ ଗ୍ରାମର ଜଣେ ବିଜେଡି ନେତା ବଣ୍ଟନ କରୁଛନ୍ତି। ଏପରିକି କାର୍ଡ ରିନ୍ୟୁ କରିବା ଆଳରେ ପ୍ରତି ହିତାଧିକାରୀଙ୍କଠାରୁ ୩ ଶହ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଟଙ୍କା ନ ଦେଲେ ସମସ୍ତଙ୍କ ରାଶନ କାର୍ଡ କାଟି ଦିଆଯିବା ସହ ଚାଉଳ ଦିଆଯିବ ନାହିଁ ବୋଲି ଧମକ ମଧ୍ୟ ଦିଆଯାଉଛି। ଏନେଇ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ସାଧାରଣ ସମ୍ପାଦକ ଅବଦୁଲ ଆହେଦ ଖାନ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିକଟରେ ଯୋଗାଣ ଅଧିକାରୀ ହରପ୍ରିୟା ସାହୁ ପହଞ୍ଚି ପ୍ରଥମେ ଶରତପ୍ରସାଦ, ପୂର୍ଣ୍ଣପ୍ରସାଦ, ଗୌରପ୍ରସାଦ ଓ କିଶୋରପ୍ରସାଦ ଗାଁ ସହ ରିଟେଲର ଷ୍ଟକ ପଏଣ୍ଟରେ ଯାଞ୍ଚ କରିଥିଲେ। ତଦନ୍ତରେ ଅନିୟମିତତା ହୋଇଥିବା ନେଇ ହିତାଧିକାରୀମାନେ ଶନିବାର ବିଡିଓଙ୍କୁ ଭେଟି ଅଭିଯୋଗ କରିବା ସହ ୩ ମାସର ବକେୟା ଚାଉଳ ପ୍ରଦାନ ପାଇଁ ଦାବି କରିଛନ୍ତି। ବିଡିଓ ଜ୍ୟୋତିବିକାଶ ଦାଶ ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଜୟ ବେହେରା, ଚନ୍ଦନ ରାଉତ, ଗୌରହରି ମାଇତି, କମଳା ସୂତାର, ସ୍ମୃତିରଞ୍ଜନ ନାୟକ, ବିଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୫-ଟି ସଚିବଙ୍କୁ ଅଭିଯୋଗ ପରେ ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର,୩।୯(ମନୋରଞ୍ଜନ ତିରିଆ)

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ କୁଇଲିସୁତା ଗ୍ରାମର ସୀତା ଦେଇଙ୍କ ପେନ୍‌ସନ ପାସବୁକ୍‌ରୁ ଟଙ୍କା ହଡ଼ପ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ବଡ଼ମଣଦା ଗ୍ରାମର ନରେଶଚନ୍ଦ୍ର ସାହୁ। ସେ ସୀତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଚଞ୍ଚକତା କରି ୨୧ ଲକ୍ଷ ଟଙ୍କା ହଡ଼ପ୍ କରି ନେଇଥିଲେ। ଏ ନେଇ ୧୮ଜୁଲାଇରେ ବିଶୋଇ ଥାନାରେ ଅଭିଯୋଗ ହୋଇଥିଲା।

ପ୍ରକାଶ ଯେ, ବିଧବା ମହିଳାଙ୍କୁ ବ୍ୟାଙ୍କ୍‌ରୁ ଅର୍ଥ ଉଠାଣ ପାଇଁ ବିଶୋଇକୁ ନେବା ଆଣିବାରେ ନରେଶ ସହାୟତା କରୁଥିଲେ। ଏହାର ସୁଯୋଗ ନେଇ ସୀତାଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ନିଜର ମୋବାଇଲ ନମ୍ବର ସଂଯୋଗ କରାଇଥିଲେ। ପରେ ଚେକ୍‌ରେ ଜାଲ ଦସ୍ତଖତ କରି ୨୧ ଲକ୍ଷ ଟଙ୍କା ଉଠାଇନେଇଥିଲେ। ଟଙ୍କା ନେଣଦେଣ ବେଳେ ମୋବାଇଲକୁ ମେସେଜ୍ ଆସୁ ନ ଥିବା ସମ୍ପର୍କରେ ଜାଣିବା ପାଇଁ ବ୍ୟାଙ୍କକୁ ଆସି ଖାତାରୁ ୨୧ ଲକ୍ଷ ଟଙ୍କା ହଡ଼ପ୍ ହୋଇଥିବା ସୀତା ଜାଣିଥିଲେ। ଅଭିଯୋଗ ପରେ ଥାନାରେ ଏକ ମାମଲା(ନଂ. ୧୩୮/୨୩)ରେ ରୁଜୁ ହୋଇଥିଲା। ମାତ୍ର ନ୍ୟାୟ ପାଇବାରେ ବିଳମ୍ବ ଯୋଗୁ

**ଚଞ୍ଚକତା କରି ୨୧ ଲକ୍ଷ ହଡ଼ପ ମାମଲା**

ସେ ଅଗଷ୍ଟ ୧୧ରେ ବିଶୋଇଠାରେ ଅନୁଷ୍ଠିତ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଲିଖିତ ଅଭିଯୋଗ କରିଥିଲେ। ପରେ ପୋଲିସ୍ ତତ୍ପରତା ପ୍ରକାଶ କରି ଶନିବାର ଅଭିଯୁକ୍ତଙ୍କୁ ବଡ଼ମଣଦାସ୍ଥିତ ବାସଭବନରୁ ଗିରଫ କରିଛି। ରବିବାର କୋର୍ଟଚାଲାଣ କରାଯାଇଥିବା ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ସୂଚନା ଦେଇଛନ୍ତି।

# ଆଇନଜୀବୀଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ ଉପରେ ଗୁରୁତ୍ୱାରୋପ

**ଅଲ ଓଡ଼ିଶା ଲୟର୍ସ ଆସୋସିଏଶନର ଚତୁର୍ଥ କାର୍ଯ୍ୟକାରୀ କମିଟି ବୈଠକ**

ବାଲେଶ୍ୱର,୩।୯(ମାନସ ବିଶ୍ୱାଳ)



ବୈଠକରେ ଉପସ୍ଥିତ ଲୟର୍ସ ଆସୋସିଏଶନର କର୍ମକର୍ତ୍ତାମାନେ।

ବାଲେଶ୍ୱର ସହର ଆଇଟିଆଇସ୍ଥିତ ଏକ ଘରୋଇ ହୋଟେଲ ସମ୍ମିଳନୀ କକ୍ଷରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏଶନର ଚତୁର୍ଥ କାର୍ଯ୍ୟକାରୀ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଆସୋସିଏଶନର ସଭାପତି ମାନସ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅନୀଲ କୁମାର ପରିଡ଼ା ଯୋଗଦେଇ ଆଇନଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ବାର କାଉନସିଲର ନବ ନିର୍ବାଚିତ ୨୫ଜଣ ସଦସ୍ୟ ଓ ୨୦ଜଣ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ଆସୋସିଏସନ ପକ୍ଷରୁ ହୋଇଥିବା ଦାବିକୁ ରାଜ୍ୟ ସରକାର ଗ୍ରହଣ କରିବା ସହିତ ଆଗାମୀ ଦିନରେ ଘୋଷଣା କରିବା ନେଇ ସୂଚନା ପ୍ରଦାନ କରିଥିଲେ। ସେହିପରି ଆଇନଜୀବୀଙ୍କ ସହାୟତା ପାଇଁ ଓଡ଼ିଶା ବାର କାଉନସିଲକୁ ସରକାରଙ୍କ ପକ୍ଷରୁ ପ୍ରଦାନ ହେଉଥିବା ୫କୋଟି ଟଙ୍କାର ଅନୁଦାନ ରାଶିକୁ ୨୫କୋଟି ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ବୈଠକରେ ଦାବି ଉପସ୍ଥାପନ କରଯାଇଥିବା ବେଳେ ବୈଠକରେ ଆଇନଜୀବୀମାନଙ୍କ ପାଇଁ ଏକ ସୁରକ୍ଷା ଆଇନ ପ୍ରଣୟନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ସଭାପତି ଶିଶର ପାଢ଼ୀ, ଗୋପାଳ ଚନ୍ଦ୍ର ମହାନ୍ତି, କାର୍ଯ୍ୟକାରୀ ସଭାପତି ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଦାସ ଧନ୍ୟବାଦ ଦେଇଥିଲେ।

## ଯାତ୍ରୀ ବିଶ୍ରାମ ଗୃହରୁ ମୃତଦେହ ଜବତ

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଯାତ୍ରୀ ବିଶ୍ରାମଗୃହରୁ ରବିବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ବିଶ୍ରାମ ଗୃହର ଏକ କୋଣରେ ବ୍ୟକ୍ତି ଜଣକ ମୁହଁମାଡ଼ି ପଡ଼ିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନ ଥିବା ଜଣାପଡ଼ିଛି।

### ସଂକ୍ଷେପରେ

## ନୂତନ ଥାନାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତିହିଡ଼ି,୩।୯(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନାର ନୂତନ ଅଧିକାରୀ ଭାବେ ଶ୍ରୀକାନ୍ତ ପତି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବ୍ଲକ କଂଗ୍ରେସର କର୍ମକର୍ତ୍ତାମାନେ ଶନିବାର ଥାନାଧିକାରୀ ପତିଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପୀରହାଟ ଅଞ୍ଚଳରେ ଆଇନଶୃଙ୍ଖଳା ସ୍ଥିତି ପ୍ରତି ଗୁରୁତ୍ୱ ଦେବାକୁ ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ ଥାନାଧିକାରୀ ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସାହାପୁର ପଞ୍ଚାୟତ ସଭାପତି ଦିବ୍ୟସିଂହ ବଳ, ବରିଷ୍ଠ ନେତା ସୁଦର୍ଶନ ସ୍ୱାଇଁ, ବସନ୍ତ ନାୟକ, ସର୍ବେଶ୍ୱର ବେହେରା, ବିପିନ ବିହାରୀ ପତି, ସୁରେନ୍ଦ୍ର ସାହୁ, ରମେଶ ବଳ, ଗୋରାବାବୁ ସାହା, ଦୀପକ ଦାସ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ଲୋକେ କିପରି ନ୍ୟାୟ ପାଇପାରିବେ ସେ ଦିଗରେ ଯତ୍ନବାନ ହେବେ ବୋଲି ଥାନାଧିକାରୀ ପତି କହିଥିଲେ।

## ଜିଲା ଲେଖକ ସାମୁଖ୍ୟ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୩।୯ (ରବିନାରାୟଣ ଖିଲାର)- ଭଦ୍ରକ ଜିଲା ଲେଖକ ସାମୁଖ୍ୟ ପକ୍ଷରୁ ଜଗତ ଜନନୀ କାର୍ଯ୍ୟାଳୟଠାରେ ଦିବଂଗତ ଲେଖକ ପଦ୍ମଶ୍ରୀ ଜୟନ୍ତ ମହାପାତ୍ର, କବି, ଲେଖକ ଡା. ସୁରେନ୍ଦ୍ର ମିଶ୍ର ଓ ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ସୁଧାକର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କରଙ୍କ ଆବାହକତ୍ୱରେ ସାହିତ୍ୟିକ ଚର୍ଚ୍ଚିକା ମହାପାତ୍ର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଖବରଦାତା ରବିନାରାୟଣ ଖିଲାର, ଭାଜପା ଜିଲା ମହିଳା ସଭାନେତ୍ରୀ କଳ୍ପନା ଜେନା, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, କବୟିତ୍ରୀ ପ୍ରୀତିଲତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

## ଯୁବକ ନିଖୋଜ, ଥାନାରେ ଏତଲା

ରାଇରଙ୍ଗପୁର,(ମନୋରଞ୍ଜନ ତିରିଆ): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ କୁଚେଇବୁଢ଼ୀ



ଗ୍ରାମର ପ୍ରଫୁଲ୍ଲ ବନଛରଙ୍କ ପୁଅ କ୍ରୁନ୍ଦନ ବନଛର(୨୫) ନିଖୋଜ ଅଛନ୍ତି। ସେ ଅଗଷ୍ଟ ୨୮ ତାରିଖ ଅପରାହ୍ନ ପ୍ରାୟ ୨ଟା ବେଳେ ଘରୁ ଯାଇ ଆଉ ଫେରିନାହାନ୍ତି। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନାହାନ୍ତି। କ୍ରୁନ୍ଦନ ନିଖୋଜ ଥିବା ସମ୍ପର୍କରେ ମା' ରେବତୀ ବନଛର ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ମାମଲା (ନଂ.୩୫/୨୩)ରୁଜୁକରିତଦନ୍ତଜାରିରଖିଛି।

# ପରିବା ବିକ୍ରି ଆଢୁଆଳରେ ଜୁଆଖେଳ

### ଅଧିକାରୀଙ୍କ ନୀରବତା ସାଧାରଣ ଲୋକଙ୍କୁ କାଳ

ଖଇରା,୩।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବିଭିନ୍ନ ଗ୍ରାମାଞ୍ଚଳର ବିଭିନ୍ନ ସାପ୍ତାହିକ ହାଟର ଦୃଶ୍ୟ ଏବେ ନ କହିବା ଭଲ। ଅଧିକାଂଶ ଗାଁ ହାଟରେ ପରିବା ବିକ୍ରି ଆଢୁଆଳରେ ଜୁଆ ଖେଳ ସାଙ୍ଗକୁ ନିଶାକାରବାର ଚାଲୁଛି। ଏଭଳି ବେଆଇନ କାର୍ଯ୍ୟ ପଛରେ ଥାନା କର୍ମଚାରୀଙ୍କ ପରୋକ୍ଷ ସହଯୋଗ ଥିବା ନେଇ ଆଲୋଚନା ଜୋର ଧରିଛି। ଏହି ଜୁଆଖେଳ ଏବେ ଆଉ କେବଳ କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ। କଲେଜ ପଢୁଆ ପିଲା, ଚାଷୀ, ଶିକ୍ଷକଙ୍କ ସମେତ ଅନ୍ୟାନ୍ୟ ସରକାରୀ ଚାକିରିଆଙ୍କ ଦ୍ୱାରା ଚାଲିବା ଖଇରାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ପ୍ରମାଣିତ କରୁଛି। ଯଦି ପୋଲିସ ଏସ୍‌ପି ଏବଂ ଗୃହ ବିଭାଗ ଏହା ଉପରେ କଡ଼ା ଦୃଷ୍ଟି ନ ଦିଅନ୍ତି ତେବେ ଅଳ୍ପ ଦିନରେ ଏହା ମହାମାରୀ ଭଳି ଗଳିକନ୍ଦିକୁ



ଦୋମୁହାଣି ହାଟରେ ଚାଲିଥିବା ଜୁଆଖେଳର ଦୃଶ୍ୟ।

ବ୍ୟାପିବ ଏଥିରେ ସନ୍ଦେହ ନାହିଁ। ଗାଁ ଗହଳିରେ ଉତ୍ପାଦିତ ଦ୍ରବ୍ୟର କିଣାବିକା ପାଇଁ ବିଭିନ୍ନ ସ୍ଥାନରେ ଗାଁ ହାଟର ସ୍ଥାପନା କରାଯାଇଛି। ହେଲେ ଖଇରା ଥାନା ଅଧୀନରେ ବିଭିନ୍ନ ହାଟଗୁଡ଼ିକରେ ପରିବା ଓ ତେଜରାତି ସଉଦା ବିକ୍ରି ସାଙ୍ଗକୁ ଜୁଆ ଆଡ୍ଡା ଓ କୁକୁଡ଼ା ଲଢ଼େଇ ଭଳି ବେଆଇନ କାର୍ଯ୍ୟ ବଢ଼ିଚାଲିଛି। ଯାହା ଯୁବପିଢ଼ିଙ୍କୁ ଆକର୍ଷିତ କରିବାରେ ଲାଗିଛି। ବିଶେଷ ଭାବେ ଏହି ଥାନା ଅଧୀନ ଦୋମୁହାଁଣି, ରମଦା, ପାତ୍ରଖୁଣ୍ଟା, ଡଗରପଡ଼ାରେ ଏବେ ବହୁଳ ଭାବରେ ଜୁଆ ଆଡ୍ଡା ଚାଲିଥିବା ନେଇ ଅଭିଯୋଗ ହେଉଛି । ଏହି କାରଣରୁ କୁପାରୀ ଜୋନର ବାଉଁଶଗଡ଼ିଆ,ହରିପୁର, ଗଡ଼ପୋଖରୀ,ରଟିଣା ପଞ୍ଚାୟତର ଗ୍ରାମଗୁଡ଼ିକରେ ଘରୋଇ ହିଂସା ସାଙ୍ଗକୁ ଆତ୍ମହତ୍ୟା ବଢ଼ିଚାଲିଛି। ୨୦୨୨ରେ ଘରୋଇ ହିଂସା ପାଇଁ ୨୦ରୁ ଅଧିକ ଆତ୍ମହତ୍ୟା ଘଟଣା ଘଟିଯାଇଥିବା ବେଳେ ୨୦୨୩ରେ ଅଦ୍ୟାବଧି ୧୨ରୁ ଅଧିକ ଆତ୍ମହତ୍ୟା ଘଟଣା ଘରୋଇ ହିଂସା କାରଣରୁ ଘଟିଥିବା ନେଇ ଅଭିଯୋଗ ହୋଇଛି। ୫ବର୍ଷ ତଳେ ତତ୍କାଳୀନ ଆଇଆଇସି ଲୋପାମୁଦ୍ରା ନାୟକ ଏଭଳି ବେଆଇନ କାର୍ଯ୍ୟରେ ରୋକ୍ ଲାଗାଇଥିଲେ। ଏବେ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ପରିସ୍ଥିତି ସଙ୍ଗିନ ହୋଇ ପଡ଼ିଛି। ଡଗରପଡ଼ା ବଜାରରେ ଦୈନିକ ଏହି ଖେଳ ଚାଲୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୁନ। ଏ ନେଇ ଖଇରା ଥାନା ଆଇଆଇସି ଗୟାଧର ବେହେରା କୁହନ୍ତି, ସେ ୨ଥର ଟିମ୍ ନେଇ ଚଢ଼ାଉ କଲେଣି। ହେଲେ ଜୁଆ ଖେଳାଳିମାନେ ଦୌଡ଼ି ପଳାଉଛନ୍ତି। ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି।

## ବ୍ଲକସ୍ତରୀୟ କ୍ରୀଡ଼ାରେ ୭୯ ପ୍ରତିଯୋଗୀଙ୍କ କୃତିତ୍ୱ

ଭଣ୍ଡାରିପୋଖରୀ, ୩।୯ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅଧୀର କୁମାର ତରାଇ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ରବୀନ୍ଦ୍ର ମହାରଣା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ଯେନା, ସମ୍ମାନିତ ବକ୍ତା ପ୍ରଧାନଶିକ୍ଷକ ଅଜୟ ନନ୍ଦ ଓ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମଞ୍ଜୁଳା ନାୟକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା ସଭାପତିତ୍ୱ କରିଥିବା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ମାନସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକ ଭାବେ କ୍ରୀଡ଼ା ଶିକ୍ଷକ ରତିକାନ୍ତ ଜେନା, ପବିତ୍ର ମୋହନ ଦାସ, ସ୍ମୃତିରଞ୍ଜନ ଦାସ, ଦେବାଶିଷ ଆଚାର୍ଯ୍ୟ, ପ୍ରମୋଦ ଦାସ ଏବଂ ବିକଶି ସାହୁ ଯୋଗ ଦେଇଥିଲେ। ୧୫୦ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ୭୯ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପୂର୍ଣ୍ଣିମା ମହନ୍ତ, ସସ୍ମିତା ନାୟକ, ବିଷ୍ଣୁପ୍ରିୟା ଜେନା, ପ୍ରଶାନ୍ତ ଯେନା, ଗୋବିନ୍ଦ ଚନ୍ଦ୍ର ବେହେରା, ସୁଧାକର ମହାପାତ୍ର, ଅମୂଲ୍ୟ ମଲ୍ଲିକ, ଭାଗବତ ନାୟକ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। କୈଳାସ ଚନ୍ଦ୍ର ସାମଲ, ରଞ୍ଜନ ମହାନ୍ତି, ପୁଷ୍ପକ ଭାରତୀ, ମଧୁସୂଦନ ମହାପାତ୍ର, ତପଜା ସାହୁ, ଚନ୍ଦ୍ରଶେଖର ପାତ୍ର ଓ ଭଣ୍ଡାରିପୋଖରୀ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ଅତିଥି ପ୍ରତିଯୋଗୀଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ମେଗା ସ୍ୱାସ୍ଥ୍ୟ ଶିବିରରେ ୪୧୦ ରୋଗୀ



ଶିବିରରେ ଯୋଗଦେଇଥିବା ଡାକ୍ତରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାଲେଶ୍ୱର,୩।୯(ମାନସ ବିଶ୍ୱାଳ)

ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରତିଭା ବିକାଶ ଟ୍ରଷ୍ଟ' ପକ୍ଷରୁ ସୋର ବ୍ଲକ ଅଧୀନ ଶିଙ୍ଗାଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସୋର ଥାନା ଅଧିକାରୀ ପ୍ରଭାଂଶୁ ଶେଖର ମିଶ୍ର ଯୋଗଦେଇ ଏହିଭଳି ସ୍ୱାସ୍ଥ୍ୟ ଶିବିର ଗ୍ରାମାଞ୍ଚଳରେ ଆବଶ୍ୟକ ରହିଥିବା କହିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ବୁଦ୍ଧେଶ୍ୱର ମାଝୀ, ଚର୍ମରୋଗ ବିଶେଷଜ୍ଞ ଡା. ରାକେଶ ରଞ୍ଜନ ପଣ୍ଡା, ଭେଷଜ ବିଭାଗର ଡା. ସତ୍ୟଜିତ ଆଚାର୍ଯ୍ୟ ଯୋଗଦେଇ ୪୧୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରୋଗୀଙ୍କୁ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରାଯାଇଥିଲା। ଶିବିରରେ ଟ୍ରଷ୍ଟର ସଭାପତି ଆଇନଜୀବୀ ହରେକୃଷ୍ଣ ଦାସ, ଉପ-ସଭାପତି ଆଇନଜୀବୀ ରଘୁନାଥ ପ୍ରଧାନ, ସାଧାରଣ ସମ୍ପାଦକ ଉପେନ୍ଦ୍ର ପାତ୍ର, ସଂଗଠନ ସମ୍ପାଦକ ତଥା ଅଧ୍ୟାପକ ଡ. ପଙ୍କଜ କୁମାର ଜେନା, ଅର୍ଥ ସମ୍ପାଦକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଞ୍ଜୀବ ନାୟକ, ସାଂସ୍କୃତିକ ସମ୍ପାଦିକା ସଂଘମିତ୍ରା ମହାନ୍ତି ଓ ରଶ୍ମିତା ବିଶ୍ୱାଳ, ଜ୍ୟୋର୍ତିମୟୀ ମହାନ୍ତି, ଟ୍ରେଜରର କିଶୋର ଦାସ, ପ୍ରେସ କୋ ଅର୍ଡିନେଟର ଭାବଗ୍ରାହୀ ମହାନ୍ତି, କୁମାର କାଶ୍ୟପ, ସୌରୀ ଶଙ୍କର ପରିଡ଼ା ଯୋଗଦେଇଥିଲେ। ଶିବିରରେ ଯୋଗଦେଇଥିବା ଡାକ୍ତରମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ଭଦ୍ରକ, ୩।୯ (ସନାତନ ରାଉତ)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ପାରାବନ୍ଧ ଆଦିବାସୀ ସାହିର ଜଣେ ଯୁବକଙ୍କ ମୃତଦେହ ପୋଖରୀରୁ ମିଳିଛି। ମୃତକ ହେଲେ ବଟକୃଷ୍ଣ ମୁଣ୍ଡା। ଶନିବାର ସନ୍ଧ୍ୟାରେ ସେ ଶୌଚ ହେବା ପାଇଁ ନିକଟସ୍ଥ ଦୁର୍ଗାମଣ୍ଡପ ପୋଖରୀକୁ ଯାଇଥିବା ବେଳେ ଅସାବଧାନତା ଯୋଗୁ ପାଦ ଖସିଯିବାରୁ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ରାତି ପ୍ରାୟ ୯ଟା ବେଳେ ପୋଖରୀରେ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଆଗରପଡ଼ା ଥାନାଧିକାରୀ ଅମିତ କୁମାର ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ଦ୍ୱାରା ମୃତଦେହ ପୋଖରୀରୁ ବାହାର କରାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ପଞ୍ଜୀକୃତ କଳା ସଂସ୍କୃତି ସଂଘ ସମୀକ୍ଷା ବୈଠକ

ରୂପସା,୩।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ପଞ୍ଜୀକୃତ କଳା ସଂସ୍କୃତି ସଂଘ ପକ୍ଷରୁ ରବିବାର ମୁକୁଲିସିସ୍ଥିତ ମିଶନ ଶକ୍ତି ସଭାଗୃହ ପରିସରରେ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପ-ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ବୈଠକରେ ପୌରହିତ୍ୟ କରିଥିଲେ। ବାର୍ଷିକ ଆୟବ୍ୟୟର ତଥ୍ୟ, ପୂର୍ବ ବନ୍ଧୁମିଳନ ଓ ସଚେତନ ସମାବେଶ ସମ୍ପର୍କିତ ପ୍ରଶ୍ନ ଉପସ୍ଥାପନା, ବ୍ଲକ୍ ରିଭଲଭିଂ ପାଣ୍ଠିରେ ଥିବା ୨ ଲକ୍ଷ ଟଙ୍କା ସ୍ଥିତାବସ୍ଥା, ପୁରୁଣା ୧୩ ବର୍ଷରେ ୬ ଜଣିଆ କମିଟିର ନିଷ୍କ୍ରିୟତା ଓ ନୂତନ ଯୁଗ୍ମ କମିଟିର ଦାୟିତ୍ୱ ବହନର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଗତ ୨୦୧୧ରୁ ଅଦ୍ୟାବଧି ୬୦ଟି ବୈଠକ ଏବଂ ୬ଟି ବାର୍ଷିକ ଉତ୍ସବ ପାଳନ, ୬୧୨ ଜଣ କଳାକାରଙ୍କ ରେଜେଷ୍ଟ୍ରିକରଣ ଲାଗି ବ୍ଲକରୁ ଜିଲା ଓ ରାଜ୍ୟ ପର୍ଯ୍ୟନ୍ତ ଆନୁଷ୍ଠାନିକ ତଥା ସରକାରୀସ୍ତରରେ ମାନପତ୍ର ଓ ପ୍ରମାଣପତ୍ର ପ୍ରାପ୍ତି ଦିଗରେ ସଂଘର ଭୂମିକା ସମ୍ପର୍କରେ ଉପ-ସଭାପତି ବେହେରା ଆଲୋକପାତ କରିଥିଲେ। ଏହି ଅବସରରେ ଆଗାମୀ ଦିନ ଲାଗି ମୂଲ୍ୟବୋଧ କାର୍ଯ୍ୟସୂଚୀ ଘୋଷଣା କରାଯାଇଥିଲା। କଳାକାର ରଘୁନାଥ ଦତ୍ତ, ଭବାନୀରାଣୀ ବେହେରା, ଶରତ ଚନ୍ଦ୍ର ବାରିକ, ପୂର୍ଣ୍ଣଚନ୍ଦ୍ର ପାତ୍ର, ପଞ୍ଚାନନ ସେଣ, ହରିଶ୍ଚନ୍ଦ୍ର ବେହେରା, ପର୍ଶୁରାମ ପରିଡ଼ା, ଅଦ୍ୱୈତ ଦାସ, ଅଭିରାମ ବେହେରା, ପଞ୍ଚାନନ ଦାସ, ହରିଶ୍ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା ବୈଠକରେ ସହଯୋଗ କରିଥିଲେ।

## ଗ୍ୟାରେଜ ପାଲଟିଛି ଜୁଡ଼ିଆ ଓଭରବ୍ରିଜ ତଳ

### ରାଜପଥ କଡ଼ ଜବରଦଖଲରେ

କେନ୍ଦୁଝର,୩।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ବ୍ଲକ୍ ସାମଲ ଅଟୋ ଇଣ୍ଡିଆ ନିକଟ ଛକରେ ଓଭରବ୍ରିଜ ତଳେ ଦୈନିକ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ଗ୍ୟାରେଜ ଖୋଲି ଟ୍ରକ୍ ମରାମତି କରାଯାଉଛି। ଜିଲାରେ ଦୁର୍ଘଟଣା ସ୍ଥିତି ଉଦ୍‌ବେଗଜନକ ଥିବା ବେଳେ ବେଆଇନ ପାର୍କିଂ ସହ ରାସ୍ତା ପାର୍ଶ୍ୱରେ ଗ୍ୟାରେଜ ଖୋଲିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଦେଉଛି। ପ୍ରକାଶ ଯେ, ଉକ୍ତ ଛକ ଜାତୀୟ ରାଜପଥ ୪୯ ଏବଂ ୨୦କୁ ସଂଯୋଗ କରୁଛି। ଜାତୀୟ ରାଜପଥ ୨୦ରୁ ଏହି ଛକକୁ ଗୋଟିଏ ପାର୍ଶ୍ୱ ସର୍ଭିସ ରୋଡ୍ ଭାବେ ବ୍ୟବହାର କରାଯାଉଛି। ସାମଲ ଅଟୋ ଇଣ୍ଡିଆ ନିକଟରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଛକ ଅଣ ଓସାରିଆ ଭାବେ ନିର୍ମାଣ ହୋଇଛି। ଅନେକ ସ୍ଥାନରେ ଡ୍ରେନ୍ ସ୍ଲାବ ଭାଙ୍ଗି ଯାଇଥିବାରୁ ଦୁର୍ଘଟଣା ଆଶଙ୍କା ରହିଛି। ଗୋଟିଏ ପାର୍ଶ୍ୱରେ ସର୍ଭିସ ରୋଡ୍ ହୋଇଥିବାରୁ ଗାଡ଼ି ବିପଦସଙ୍କୁଳ ଭାବେ ଯାତାୟାତ କରୁଛି। ଗତ ଜୁନ୍ ୨୮ରାତିରେ ଷଠିଘର ସାହି ନିକଟରେ ଏକ ଟ୍ରକ୍ ଧକ୍କାରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୯ ଜଣ ଆହତ ହୋଇଥିଲେ। ଦୁର୍ଘଟଣା ପରେ ଲାଇଟ୍ ସମସ୍ୟା ଦୂର ହୋଇଥିବା ବେଳେ ରାଜପଥ ଗଡ଼କୁ ଲାଗି ୧୦ ମିଟର ପର୍ଯ୍ୟନ୍ତ ଜବରଦଖଲ ହୋଇଥିଲେ ବି ଏନ୍‌ଏଚ୍‌ଏଆଇ ଏ ଦିଗରେ ପଦକ୍ଷେପ ନେଉନାହିଁ। ଅନ୍ୟପକ୍ଷେ ଜାତୀୟ ରାଜପଥ ୪୯ର ଜୁଡ଼ିଆ ଘାଟିରେ ହାତୀ ଯାତାୟାତ ସ୍ଥାନରେ ବେଆଇନ ଟ୍ରକ୍ ପାର୍କିଂ ହେଉଛି। ବନ ବିଭାଗ ପକ୍ଷରୁ ହାତୀ ରାସ୍ତା ଅତିକ୍ରମ କରୁଥିବା ସ୍ଥାନ ମାନଙ୍କରେ ସୂଚନାଫଳକ ଲାଗିଥିଲେ ମଧ୍ୟ ଏହାକୁ ଟ୍ରକ୍ ଚାଳକ ମାନୁନାହାନ୍ତି।



ଓଭର ବ୍ରିଜ୍ ତଳେ ଏକ ଟ୍ରକ୍ ମରାମତି କରାଯାଉଛି।

## ଯୋଜନାର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ

### ଜଜାଙ୍ଗରେ ବିଜେଡି କର୍ମୀ ସମ୍ମିଳନୀ

ଯୋଡ଼ା,୩।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜଜାଙ୍ଗଠାରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗଦେଇ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ତଥା ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି, ଭତ୍ତା, ସ୍ୱାସ୍ଥ୍ୟ ବୀମା, ଖାଦ୍ୟ ସୁରକ୍ଷା ପ୍ରଭୃତି ଯୋଜନାରେ ଲୋକେ ସୁଫଳ ପାଇପାରୁଛନ୍ତି। ଯୋଜନା ଗୁଡ଼ିକ କିପରି ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ଓ ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାରୁ ବଞ୍ଚିତ ନ ହେବେ ସେଥିପ୍ରତି ଗ୍ରାମାଞ୍ଚଳସ୍ତରରେ ଦଳୀୟ କର୍ମୀମାନେ ସଚେତନତା ସୃଷ୍ଟି କରିବା ସହ ଜାଗ୍ରତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ସମିତି ସଭ୍ୟା ଜୟନ୍ତୀ ପାତ୍ର, ଗୌରୀ ନାଏକ, ଗୋଲାପ ମାଝୀ, ରାଖୀ ନାଏକ, ଗାନ୍ଧୀ ଲୋହାର, ରତ୍ନାକର ହାଁସଦା, ମୁରଲୀ ପାତ୍ର, ସଦାନନ୍ଦ ସର୍ଦ୍ଦାର, ସରୋଜ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଜଜାଙ୍ଗ, ପାଣ୍ଡିଆ, ବନ୍ଧୁଆବେଡ଼ା, କମଳପୁର, ଗୁରୁଡୁଆଁ, ଜାର୍ମିତା, ଜରିବାହାଲ ପ୍ରଭୃତି ଅଞ୍ଚଳର କର୍ମୀ ଯୋଗଦେଇଥିଲେ। ଜଜାଙ୍ଗ ପଞ୍ଚାୟତ ଡେଭଲପମେଣ୍ଟ କମିଟି କର୍ମକର୍ତ୍ତା ପଞ୍ଚାୟତର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।




ମଞ୍ଚରେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଓ ଅନ୍ୟମାନେ।

# ଚଳିତ ବର୍ଷ କୀଚକେଶ୍ୱରୀ ମନ୍ଦିର ଆକୃତିର ତୋରଣ



ବୈଠକରେ ଉପସ୍ଥିତ ପୂଜା କମିଟି ସଦସ୍ୟା ଓ ସଦସ୍ୟମାନେ।

ବାରିପଦା,୩।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ନଭେମ୍ବର ୧ରୁ ମୟୂରଭଞ୍ଜ ମହୋତ୍ସବ
- ପ୍ରଥମ ଦିନରେ ହେବ କାରନିଭାଲ ସୋ

ମୟୂରଭଞ୍ଜ ଜିଲାର କଳା, ସଂସ୍କୃତି ଓ ପରମ୍ପରାରେ ଏକ ସ୍ୱତନ୍ତ୍ର ପରିଚୟ ରହିଛି। ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଥିବା ଛଉନୃତ୍ୟଠାରୁ ଆରମ୍ଭ କରି ଝୁମର ପର୍ଯ୍ୟନ୍ତ ଦେଶ ବିଦେଶରେ ସୁନାମଅର୍ଜନ କରିପାରିଛି। ଉକ୍ତ କଳା ଓ ସଂସ୍କୃତିର ବିକାଶ ପାଇଁ ମୟୂରଭଞ୍ଜ ମହୋତ୍ସବ ହେଉଛି ଏକ ଅଭିନବ ପ୍ରୟାସ। ଚଳିତ ବର୍ଷ ମହୋତ୍ସବ ଷଷ୍ଠ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ନଭେମ୍ବର ୧ରୁ ୧୧ ପର୍ଯ୍ୟନ୍ତ ଚାଲିବ। ଏ ନେଇ ରବିବାର ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପରେ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ ଯୋଗେ ସୂଚନା ପ୍ରଦାନ କରାଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ପ୍ରଥମ ଦିନରେ ଜିଲାର ବିଭିନ୍ନ କଳାକାରଙ୍କୁ ନେଇ ପାରମ୍ପରିକ ନୃତ୍ୟ ଗୀତ ସହ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଛଉ ପଡ଼ିଆ ପର୍ଯ୍ୟନ୍ତ କାର୍ନିଭାଲ ଶୋ ଆୟୋଜିତ ହେବ। ଚଳିତବର୍ଷ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ମନ୍ଦିର ସଦୃଶ ତୋରଣ ଶୋଭା ପାଇବ ବୋଲି ମତପ୍ରକାଶ ପାଇଥିଲା। ସିନେ ଜଗତରେ ନାମ କରିଥିବା ତଥା ମୟୂରଭଞ୍ଜ ଜିଲାରେ ଜନ୍ମିତ କଳାକାର ଏହି ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କ ମନୋରଞ୍ଜନର ଖୋରାକ ଯୋଗାଇବେ। ଜିଲାର ସାନ୍ତାଳୀ କଳାକାରଙ୍କ ସମେତ ଅନ୍ୟ ରାଜ୍ୟର ସାନ୍ତାଳୀ କଳାକାର ଯୋଗଦେବେ। ସେହିଭଳି ଜିଲାର ଝୁମର କଳାକାରଙ୍କ ସମେତ ପ୍ରତିଷ୍ଠିତ ଗାୟକମାନଙ୍କ ସ୍ୱରର ତାଳରେ ଦର୍ଶକ ଝୁମିବେ ବୋଲି ଆୟୋଜକ କମିଟି ସୂଚନା ଦେଇଛି। ମହୋତ୍ସବରେ ଜିଲାର ହସ୍ତଶିଳ୍ପରୁ ଆରମ୍ଭ କରି କୁଟୀର ଶିଳ୍ପ, ବେଶ ପୋଷାକ ସହ ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ ଆଦିର ଦର୍ଶକ ମଜା ଉଠାଇ ପାରିବେ। ପ୍ରତିଦିନ ସନ୍ଧ୍ୟା ୫ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା କହିଛନ୍ତି। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସିନେ କଳାକାର ଅସିତ ପତିଙ୍କ ପୌରୋହିତରେ ସଭାପତି ତଥା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ସାମାଜିକ କର୍ମୀ ଗିରିଶ ଦାସ, କଳିଙ୍ଗ କେଶରୀ ଜେନା, ସଞ୍ଜୀବ ଦ୍ୱିବେଦୀ, ରାକେଶ ସିଂ, ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ସତ୍ୟଜିତ୍ ସୋମ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଏଥର ଦୁର୍ଗାପୂଜା ହେବ ପଲିଥିନ୍‌ମୁକ୍ତ

ଉଦଳା, ୩।୯ (ସନ୍ତୋଷ କୁମାର ବାଛିନୀ): ଚଳିତବର୍ଷ ଦୁର୍ଗାପୂଜା ନିମନ୍ତେ ଉଦଳା ଆମ ଦୁର୍ଗା ପୂଜା କମିଟି ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅତୁଲ ବାବୁଙ୍କ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଏଥିରେ ସଭାପତିତ୍ୱ କରିଥିଲେ। ଉପସଭାପତି ସରୋଜ କୁମାର ସାମଲ, ସମ୍ପାଦକ ଅମିୟ କୁମାର ବଳ, ବରିଷ୍ଠ ଉପଦେଷ୍ଟା ବିଶ୍ୱଜିତ୍ ନାୟକ, ସ୍ୱପ୍ନରଞ୍ଜନ ମହାପାତ୍ର, ପ୍ରଦୀପ ମହାନ୍ତି, ଦିଲୀପ କୁମାର ପ୍ରାମାଣିକ ପ୍ରମୁଖ ଯୋଗଦେଇ ଦୁର୍ଗାପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ପୂର୍ବ ବର୍ଷର ହିସାବ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ଚଳିତବର୍ଷ ପୂଜା କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ ସେ ସମ୍ପର୍କରେ ଆଲୋଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କମିଟି ଗଠନ କରାଯାଇଥିଲା। ଏଥର ପୂଜା ସମ୍ପୂର୍ଣ୍ଣ ପଲିଥିନ୍‌ମୁକ୍ତ ହେବ ଏବଂ ବାଉଁଶତାଲା ପୂଜା ଉପରେ ଗୁରୁତ୍ୱ ଦିଆଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ସେହିପରି ପରମ୍ପରା ଅନୁସାରେ ଲାଖବିନ୍ଧା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି।

